# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ବୁଣାଳି ଏବଂ ବିଜ



ଲେଖକ: Edward Hughes

ଦୃଷ୍ଟାନ୍ତ: M. Maillot; Lazarus

ଉପଯୋଜକ: E. Frischbutter; Sarah S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2014 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି; ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଏକ ସମୟରେ ଯୀଶୁ ହ୍ରଦ ନକଟରେ ଶିକ୍ଷା ଦେବାକୁ ଲାଗିଲେ । ସେଠାରେ ଅନେକ ଲୋକ ତାଙ୍କ ବାକ୍ୟ ଶୁଣିବାକୁ ଆସିଲେ ।



ସେଠାରେ ଅତ୍ୟଧିକ ଜନଗହଳି ହେଲା ।

ଯୀଶୁ ବା କଅଣ

କରିବେ?

ପାଖରେ ଏକ ନୌକା ଦେଖି, ସେ ନୌକାରେ ଚଢ଼ିଲେ ।
ବର୍ତ୍ତମାନ୍ ସେ ଲୋକମାନଙ୍କୁ ଦେଖିପାରିଲେ ଓ ଲୋକମାନେ
ମଧ୍ୟ ତାଙ୍କୁ ଦେଖି ଓ ଶୁଣିପାରୁଥିଲେ ।



ଯୀଶୁ ସେମାନୋଙ୍କୁ ଏକ ଦୃଷ୍ଟାନ୍ତ ମାଧ୍ୟମରେ ସାଧାରଣ
ବିଷୟ ଯାହା ସଦାପ୍ରଭୁଙ୍କ ବିଷୟ ବର୍ଣ୍ଣନା
କରଇ ତାହା ଶିକ୍ଷା ଦେଲେ ।



ଏକ ବୁଣାଳି ବିଜ ବୁଣିବାକୁ ଜମିକୁ ଗଲା । ଯୀଶୁଙ୍କ କାହାଣି ଚିତ୍ର
କାଟିବା ବଦଳରେ କହି ବର୍ଣ୍ଣନା କରିବା ଚିତ୍ର ଶଦୃଶ୍ୟ ଥିଲା ।



ଲୋକମାନେ ବୁଝିପାରିବେ ଯେ ଏକ ବୁଣାଳି କାର୍ଯ୍ୟରତ ଅଛି-ସେମାନେ
ଏହାକୁ ନିଜର ଦୈନନ୍ଦିନ ଜୀବନରେ
ଅନେକଥର ଦେଖିଛନ୍ତି ।



କିଛି ବିଜ ରାସ୍ତାରେ ପଡ଼ିଗଲା ଓ
ଆକାଶର ପକ୍ଷିମାନେ ଆସି
ତାହା ଖାଇଗଲେ ।



କିଛି ବିଜ ଜମିର ପଥୁରିଆ ସ୍ଥାନରେ ପଡ଼ିଗଲା । ସେମାନେ ଶିଘ୍ର ଗଜାହୋଇ ବଢ଼ିବାକୁ ଲାଗିଲେ । ଯେତେବେଳେ ଅତ୍ୟଧିକ ଖରା ହୋବାରୁ ସେମାନେ ସୁଖିଗଲେ କାରଣ ସେମାନଙ୍କର ଚ଼େର ଉତ୍ତପ୍ତ ଜମିରେ ଥିଲା ।



କିଛି ବିଜ କଣ୍ଟକ ବୁଦା ମଧ୍ୟରେ ପଡ଼ିଗଲେ,

ସେମାନେ ଫଳ ଫଳି ପାରିଲେ ନାହିଁ

କାରଣ କଣ୍ଟକ ବୃକ୍ଷ ଶିଘ୍ର

ବଢ଼ି ତାକୁ ଚାପି

ପକାଇଲା ।



କିଛି ବିଜ ଉତ୍ତମ ଜମିରେ ପଡ଼ିଲା । ସମୟ ବିତିଗଲା ପରେ, ସେହି ବୃକ୍ଷ ଶକ୍ତ ହୋଇ ଅନେକ ଫଳ ଫଳିଲା । ନିଶ୍ଚିତ ଭାବରେ ବୁଣାଳି ଆନନ୍ଦ କରିଥିବେ ।



କାହାଣିର ଶେଷରେ, ଶିଶ୍ୟମାନେ ଯୀଶୁଙ୍କ ନିକଟକୁ ଆସିଲେ । ଆପଣ କାହିଁକି ଗଳ୍ପ ମାଧ୍ୟମରେ ଶିକ୍ଷା ଦେଉଅଛନ୍ତି,



ଯୀଶୁ ସେମାନଙ୍କୁ କହିଲେ, କାହାଣି ଲୋକମାନଙ୍କୁ ସଦାପ୍ରଭୁଙ୍କୁ ଜାଣିବାକୁ ସାହାଯ୍ୟ କରେ ଯଦି ସେମାନେ ସତ୍ୟତାରେ ତାହାଙ୍କୁ ପ୍ରେମ କରିନ୍ତି । ଯେଉଁଲୋକମାନେ ସଦାପ୍ରଭୁଙ୍କୁ ପ୍ରେମ କରନ୍ତି ନାହିଁ ସେମାନେ ଗଳ୍ପର ସାରାଂଶ ବୁଝି ପାରିବେନାହିଁ ।




ଯୀଶୁ ସେହି ଗଳ୍ପର ସାରାଂଶ ବୁଝାଇ କହିଲେ, ବିଜ
ସଦାପ୍ରଭୁଙ୍କ ବାକ୍ୟ ଅଟେ । ବାକ୍ୟ ରାସ୍ତାରେ, ତାହାର ସାରାଂଶ
ହେଉଛି ଲୋକ ଯେଉଁମାନେ ବାକ୍ୟ ଶୁଣନ୍ତି କିନ୍ତୁ ତାହା ବୁଝନ୍ତି ନାହିଁ ।
ଶୟତାନ ସେମାନଙ୍କୁ
ସଦାପ୍ରଭୁଙ୍କ ବାକ୍ୟକୁ
ଭୁଲାଇଦିଏ ।

କେତେକ ଲୋକ କମ୍ ସମୟ ମଧ୍ୟରେ ସଦାପ୍ରଭୁଙ୍କ ବାକ୍ୟଗ୍ରହଣ କରନ୍ତି । ସେମାନେ ପଥୁରିଆ ଜମି ସଂଙ୍ଗେ ସମାନ । କିନ୍ତୁ ଯେତେବେଳେ ଅନ୍ୟମାନେ ପ୍ରଭୁଙ୍କ ପ୍ରେମ ସକାଶୁଁ ସେମାନଙ୍କୁ ପରିହାସ କରିନ୍ତି କିମ୍ବା ସେମାନଙ୍କୁ ଅସୁବିଧାରେ ପକାନ୍ତି ତେବେ ଦୁଃଖର ବିଷୟ ଶୃଷ୍ଟିହୁଏ ।



ଏହି ସେହି ଲୋକ ଯେଉଁମାନେ ଆନନ୍ଦରେ ଯୀଶୁଙ୍କ ଅନୁଶରଣ କରିବାକୁ ଆରମ୍ଭ କରିଥିଲେ ସଦାପ୍ରଭୁଙ୍କ ବାକ୍ୟ ଲଂଘନ କରି ପଛକୁ ଫେରିଗଲେ । ସେମାନେ ସଦାପ୍ରଭୁଙ୍କୁ ଅନୁଶରଣର ମୂଲ୍ୟ ଦେବାକୁ ନାସ୍ତି କଲେ । ଏହା କି ଦୁଃଖର ବିଷୟ ସେମାନେ ସଦାପ୍ରଭୁଙ୍କ ବଦଳରେ ନିଜର ବନ୍ଧୁମାନଙ୍କୁ ସନ୍ତୁଷ୍ଟ ରିବାକୁ ଇଚ୍ଛାକଲେ ।



ସେହିପରି ଗଳ୍ପରେ କଣ୍ଟାବୁଦା
ଗୁଡ଼ିକ ହେଲେ, ସେମାନେ,
ଯେଉଁ ଲୋକମାନେ ସେମାନଙ୍କ
ଜୀବନ ଜାଗତିକ ଚିନ୍ତା ଓ ଧନ
ଲୋଭରେ ନିଜ ଜୀବନ ବିତାଉଅଛନ୍ତି ।
ସେମାନେ ଧନ ଓ ଅନ୍ୟ ବିଷୟ ଗୁଡ଼ିକ
ସଂଞ୍ଚୟ କରିବା ଲାଳସାରେ ଅତ୍ୟଧିକ
ବ୍ୟସ୍ତ ରୁହନ୍ତି ଏବଂ ସେମାନେ
ସଦାପ୍ରଭୁଙ୍କୁ ମଧ୍ୟ ନିଜ ଜୀବନରୁ
ବାହାର କରିଦିଅନ୍ତି ।



ମାତ୍ର ଯେଉଁ ବିଜ ଉତ୍ତମ ଜମିରେ ପଡ଼ିଲା ଓ ଉତ୍ତମ ଫଳ ଫଳିଲା ତାହା ଏହିପ୍ରକାର ଯାହା ମନୁଷ୍ୟର ହୃଦୟରେ  ପ୍ରବେଶ କରି ଲୋକଙ୍କ ଜୀବନ ବଦଳାଇ ଦିଏ । ସେହି ଲୋକମାନେ ସଦାପ୍ରଭୁଙ୍କୁ ସଂଭ୍ରମ ଓ ସେବା କରନ୍ତି ।



ଲୋକଗହଳି ପରିତ୍ୟାଗ କରିବାକୁ ଚ଼ାହିଁଲେ ନାହିଁ । ଅନେକେ ସଦାପ୍ରଭୁଙ୍କୁ ଅନୁସରଣ କରି ତାହାଙ୍କୁ ସଂତୃଷ୍ଟ କରିବାକୁ ଇଛା କରୁଥିଲେ । ଯୀଶୁଙ୍କ ଗଳ୍ପ ସେମାନଙ୍କୁ ସଦାପ୍ରଭୁଙ୍କୁ ଆଜ୍ଞାବହତା ବିଷୟରେ ବୁଝିବାକୁ ସାହାଯ୍ୟ କଲା ।



ବୁଣାଳି ଏବଂ ବିଜ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାଥିଉ ୧୩

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ
ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ ।
ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ,
ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ
ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ
ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ
ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ
କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ
କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ
ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି ।
ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ
କଥୋପକଥନ ହୁଅନ୍ତୁ । ଯୋହନ ୩:୧୬